ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ମୋଟର ଯାନ କର ପୈଠ ଅବଧି ୩୦ ଜୁନକୁ ଘୁଞ୍ଚିଲା

**ଭୁବନେଶ୍ୱର : ୦୯ ଅପ୍ରେଲ,୨୦୨୦**

କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ଉଦ୍ଦେଶ୍ୟରେ ଭାରତ ସରକାର ତଥା ରାଜ୍ୟ ସରକାର ଜାରି କରିଥିବା ଲକ୍ ଡାଉନ୍ ପରିପ୍ରେକ୍ଷୀରେ ରାଜ୍ୟ ସରକାର ମୋଟର ଯାନ କର ପୈଠ ତାରିଖକୁ ଆଗାମୀ ଜୁନ୍ ୩୦ ତାରିଖକୁ ଘୁଞ୍ଚାଇ ଦେଇଛନ୍ତି ।

ଲକ୍ ଡାଉନ୍ ଯୋଗୁଁ ଯେଉଁ ଷ୍ଟେଜ୍ କ୍ୟାରେଜ୍/କଣ୍ଟ୍ରାକ୍ଟ କ୍ୟାରେଜ୍‌ଗୁଡ଼ିକ ଅପ୍ରେଲ୍ ମାସ ପାଇଁ ସେମାନଙ୍କର ମୋଟର ଯାନ ଟିକସ ଓ ଅତିରିକ୍ତ ଟିକସ ଦେଇ ନାହାନ୍ତି ସେଗୁଡ଼ିକ ଏହି ଅବଧି ମଧ୍ୟରେ ଟିକସ ପଇଠ କରିବେ । ସେହିପରି ଯେଉଁ ମାଲ୍ ପରିବହନ କରୁଥିବା ଗାଡ଼ିଗୁଡ଼ିକ ଅପ୍ରେଲ-ଜୁନ୍ ତ୍ରୈମାସିକ ମୋଟର ଯାନ ଟିକସ ପ୍ରଦାନ କରିନାହାନ୍ତି ସେମାନେ ମଧ୍ୟ ଏହି ଅବଧିରେ ଟିକସ ଦାଖଲ କରବାକୁ କୁହାଯାଇଛି । କୋଭିଡ୍-୧୯ ପରିପ୍ରେକ୍ଷୀରେ ଗାଡ଼ି ମାଲିକମାନଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ସରକାର ଏହି ଗ୍ରେସ୍ ଅବଧିକୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ବୋଲି ବାଣିଜ୍ୟ ଓ ପରିବହନ ବିଭାଗ କର୍ତ୍ତୃକ ବିଜ୍ଞପ୍ତି ଆଜି ପ୍ରକାଶ ପାଇଛି ।

ବିଶ୍ୱଜିତ ଦାଶ
ସୂଚନା ଅଧିକାରୀ